**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**19 May – 2024**

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ନିଆଯିବ । ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ମତଦାନ ହେବ । ରାଜ୍ୟର ୫ଟି ସଂସଦୀୟ କ୍ଷେତ୍ର ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଏବଂ ଏହି ସଂସଦୀୟ କ୍ଷେତ୍ରର ପରିସରରେ ଥିବା ୩୫ଟି ବିଧାନସଭା ଆସନ ଲାଗି ମତଦାନ ସକାଳ ୭ଟାରୁ ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ସଂସଦୀୟ କ୍ଷେତ୍ର ପାଇଁ ୪୦ଜଣ ଏବଂ ବିଧାନସଭା କ୍ଷେତ୍ର ପାଇଁ ୨୬୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଓଡିଶାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତାକାଲି ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଓଡିଶାଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆଜି ଦୁଇଦିନିଆ ଗସ୍ତରେ ଓଡିଶା ଆସୁଛନ୍ତି । ଶ୍ରୀ ମୋଦୀ ଆସନ୍ତାକାଲି ପୁରୀ ଗସ୍ତରେ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ବଡଦାଣ୍ଡରେ ଏକ ନିର୍ବାଚନୀ ରୋଡ ଶୋ'ରେ ଭାଗନେବେ । ପ୍ରଧାନମନ୍ତ୍ରୀ ଏହା ପରେ ଅନୁଗୋଳ ଯାଇ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ  ଏବଂ ଅପରାହ୍ନରେ କଟକ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ନିର୍ବାଚନୀ ପ୍ରଚାର

ରାଜ୍ୟରେ ରାଜନୈତିକ ଦଳଗୁଡିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହେଉଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ଯୋଗଦେଉଛନ୍ତି । ବିଜେପି ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ  ଆଜି ରେଢାଖୋଲ, ପାଟଣା ଏବଂ ଖୋର୍ଦ୍ଧାରେ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଶ୍ରୀ ସିଂହ ସମ୍ବଲପୁର ଜିଲ୍ଲା ନାକଟିଦେଉଳଠାରେ ବିଜୟ ସଂକଳ୍ପ ସମାବେଶରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ବିଜେଡି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ

ନବୀନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ନିର୍ବାଚନୀ ସଭାରେ ଯୋଗଦେବେ ।

## ନିର୍ବାଚନ କମଶନ-ଜବତ ଟଙ୍କା

ରାଜ୍ୟରେ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ବିଭିନ୍ନ ଏଜେନ୍ସି ଏବଂ ପୁଲିସ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୫୫କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ କହିଛନ୍ତି, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୧୭କୋଟି ୧୮ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ନିର୍ବାଚନ କ୍ଷେତ୍ରରୁ ୩କୋଟି ୧୭ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଗତକାଲି ସୁଦ୍ଧା ଦେଶରେ ପ୍ରାୟ ୯ହଜାର କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଛି ବୋଲି ଭାରତର ନିର୍ବାଚନ କମିଶନ କହିଛନ୍ତି । ଏଥି ମଧ୍ୟରେ ଆଠଶହ ଅଣଚାଶ କୋଟି ନଗଦ ଟଙ୍କା ଏବଂ ତିନିହଜାର ନଅଶହ ଅଠାବନ କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ କରାଯାଇଛି ବୋଲି କମିଶନ କହିଛନ୍ତି ।

## କାର୍ବାଇଟ୍ ନିଷେଧ

ଆମ୍ବ ଏବଂ ଅନ୍ୟ ଫଳକୁ କୃତ୍ରିମ ଉପାୟରେ ପଚାଇବା ପାଇଁ ବ୍ୟବହାର କରାଯାଉଥିବା କ୍ୟାଲସିୟମ କାର୍ବାଇଟ୍ ବ୍ୟବହାରକୁ କେନ୍ଦ୍ର ସରକାର ନିଷେଧ କରିଛନ୍ତି । ସ୍ୱାସ୍ଥ୍ୟ ପ୍ରତି କ୍ୟାଲସିୟମ କାର୍ବାଇଟର

ଖରାପ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ କର୍ତ୍ତୃପକ୍ଷ କାର୍ବାଇଟ୍ ବ୍ୟବହାର ନିଷେଧ ଆଇନର କଡା ଅନୁପାଳନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଇଏସ୍ଆଇ ହସ୍ପିଟାଲ ଭୁବନେଶ୍ୱର

ଭୁବନେଶ୍ୱରସ୍ଥିତ କର୍ମଚାରୀ ରାଜ୍ୟ ବୀମା-ଇଏସ୍ଆଇ ହସ୍ପିଟାଲରେ କ୍ରିଟିକାଲ କେୟାର ୟୁନିଟ୍ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଘରୋଇ ଭାଗିଦାରୀରେ ଏହି ବ୍ୟବସ୍ଥା କରିବା ପାଇଁ ସରକାର ଯୋଜନା କରୁଥିବା ଜଣାପଡିଛି । ଇଏସ୍ଆଇ ହସ୍ପିଟାଲରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ରାଜ୍ୟ ସରକାର ଦୁଇଜଣ ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରିଛନ୍ତି ।

# କେନ୍ଦ୍ରାପଡା-ନିର୍ବାଚନ ପ୍ରସ୍ତୁତି

କେନ୍ଦ୍ରାପଡା ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ରାଜନୈତିକ ଦଳର ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଜିଲ୍ଲାରେ ଜୁନ ୧ତାରିଖ ଦିନ ଭୋଟଗ୍ରହଣ ହେବ । ଜିଲ୍ଲାର ପାଟକୁରା ଏବଂ ମହାକାଳପଡା ବିଧାନସଭା ଆସନ ପାଇଁ ମୋଟ ୧୭ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ନିର୍ବାଚନ ସମ୍ପର୍କୀତ ପରିଚାଳନାକୁ ଦୃଷ୍ଟିରେ ରଖି ସାଧାରଣ ପର୍ଯ୍ୟବେକ୍ଷକ ସାକେତ ମାଲବ୍ୟ ଗତକାଲି ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବୁଥ ବୁଲି ଦେଖିଛନ୍ତି

# ପାଣିପାଗ

ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ବୃଦ୍ଧି ପାଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ ।

ଆସନ୍ତା ବୁଧବାର ଦିନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହା କ୍ରମେ ଘନୀଭୂତ ହୋଇ  ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ରହିଛି। ୨୪ ତାରିଖ ଆଡ଼କୁ ଲଘୁଚାପ ଅବପାତର ରୂପ ନେବ।

ହେଲେ ଏହାର ପ୍ରଭାବ ଓଡ଼ିଶା ଉପରେ ରହିବା ନେଇ କୌଣସି ସଠିକ୍ ତଥ୍ୟ ମିଳିନାହିଁ।